

Daily Edition:
RNI No.ODIODI/2010/33791

ରବିବାର,୧୯ ନଭେମ୍ବର୨୦୧୭
ଭାଗ ୮ ସଂଖ୍ୟା ୯୭

Bhubaneswar,
Sunday, 19 November 2017
Volume VIII, Issue No 97

୮ ପୃଷ୍ଠା, ମୂଲ୍ୟ : ୨ ଟଙ୍କା

ଆଜିର ତିଥି :
ବିଛା ୪; ମାର୍ଗଶୀର ଶୁକ୍ଳପକ୍ଷ ପ୍ରତିପଦା
୧୯୩୯ ଶକାବ୍ଦ,୧୪୨୩ ସାଲ, ସମ୍ବତ ୨୦୭୪

www.srutinews.com

ଶ୍ରୁତି
SRUTI

ସତ୍ୟନିଷ୍ଠ ସୃଜନଶୀଳ ଦୈନିକ ସମ୍ବାଦପତ୍ର

‘ଏକୁଟିଆ ମୋଦି ହିଁ ଚୀନ ବିରୋଧରେ ଛିଡା ହୋଇପାରିବେ’

ପ୍ରସଙ୍ଗ Email : srutimedia@gmail.com

ସଂଗ୍ରହପାଇଁ ଆସୁଥିବା ଧାନର ମାନ ହ୍ରାସ କରାଗଲେ ଭାଗଚାଷୀମାନେ ଉପକୃତ ହେବେ କି ?

୧୮/୧୧ ର ଉତ୍ତ

ଭାରତ ସରକାରଙ୍କ ଚାପରେ ମୁଡି ଭାରତର ରେଟିଂ ବୃଦ୍ଧି କରିଛନ୍ତି କି ?

ନା ୮୮%

ହଁ ୧୨%

୬ ଆତଙ୍କବାଦୀ ନିହତ

ଜଣେ ବାୟୁସେନା ଜବାନ ଶହୀଦ; ୨ ଆହତ

୨୦୦୮ ମୁମ୍ବଇ ଆତଙ୍କବାଦୀ ଆକ୍ରମଣ ଘଟଣାର ମୁଖ୍ୟଷଡଯନ୍ତ୍ରକାରୀ ଜାକି-ଉର-ରେହମାନ ଲଖଭୀର ଭଣଜା ବି ନିହତ

ଆତଙ୍କବାଦ ଦମନରେ ଜମ୍ମୁକାଶ୍ମୀରରେ ସେନାକୁ ବଡ ସଫଳତା

ବନ୍ଦିପୁରା,୧୮/୧୧(ଏଜେନ୍ସି): ଶନିବାର ସେନାକୁ ଜମ୍ମୁକାଶ୍ମୀରରେ ବଡ ସଫଳତା ମିଳିଛି । ବନ୍ଦପୁରା ସେକ୍ଟରରେ ଏକ ଜଙ୍ଗଲ ମଧ୍ୟରେ ପାକିସ୍ତାନୀ ଆତଙ୍କବାଦୀମାନେ ଅନୁପ୍ରବେଶ କରି ଲୁଚିଥିବା ଜଣାପଡିବା ପରେ ସୁରକ୍ଷା କମାଣ୍ଡୋଙ୍କ ଅପରେସନରେ ୬ଜଣ ଆତଙ୍କବାଦୀ ପ୍ରାଣ ହରାଇଛନ୍ତି । ଏହି ଗୁଳିବିନିମୟରେ ଜଣେ ବାୟୁସେନା କମାଣ୍ଡୋ ଶହୀଦ ହୋଇଥିବା ବେଳେ ଅନ୍ୟ ୨ଜଣ ଆହତ ହୋଇଛନ୍ତି। ଘଟଣାରେ ୨୦୦୮ ମୁମ୍ବଇ ଆତଙ୍କବାଦୀ ଆକ୍ରମଣ ଘଟଣାର ଅନ୍ୟତମ ମୁଖ୍ୟଅଭିଯୁକ୍ତ ଜାକି-ଉର-ରେହମନ-ଲଖଭୀର ଭଣଜା ତଥା ହାଫିଜ ସଇଦର ଡେପୁଟୀ ମୁଖ୍ୟ , ଲସ୍କର-ଇ-ତୋଇବାର ପ୍ରତିଷ୍ଠାତା ସଦସ୍ୟ ଓ ଜମାତ-ଉଦ-ଦାୱାର ନେତୃତ୍ୱ ନେଉଥିବା କୁଖ୍ୟାତ ପାକିସ୍ତାନୀ ଆତଙ୍କବାଦୀ ଅବଦୁଲ-ରେହମାନ-ମକ୍କିର ପୁଅ ‘ଓୱେଦ’ ନିହତ ହୋଇଛି । ମରିଥିବା ସବୁ ୬ ଜଣ ଆତଙ୍କବାଦୀ ପାକିସ୍ତାନର ନାଗରିକ ବୋଲି କହିଛନ୍ତି ରାଜ୍ୟ ପୁଲିସ ମୁଖ୍ୟ ମୁନୀର ଖାନ । ତାଙ୍କ କହିବା ଅନୁଯାୟୀ ଆତଙ୍କବାଦୀମାନେ ସେନା କାର୍ଯ୍ୟାନୁଷ୍ଠାନ ଭୟରେ ସେନା ଉପରକୁ ଗ୍ରେନେଡ ମାଡ କରିବା ସହିତ ଗୁଳି ଚଳାଇଥିଲେ। ପରେ ସେନା ଓ ପୁଲିସ ମିଳିତ ଭାବେ ପ୍ରତିଆକ୍ରମଣ କରିଥିଲେ। ଏଥିରେ ଭାରତୀୟ ବାୟୁସେନା ମଧ ସାମିଲ ହୋଇଥିଲା । ଏଥିରେ ୬ଜଣ ଆତଙ୍କବାଦୀ ପ୍ରାଣ ହରାଇଥିଲେ ମଧ ଆହୁରି ଅଧିକ ଆତଙ୍କବାଦୀ ଲୁଚି ରହିଥିବା ଆଶଙ୍କାରେ ସେନା ପକ୍ଷରୁ ତଲାସି ଅଭିଯାନ ଚାଲିଥିଲା। ଜାମ୍ମୁ-କାଶ୍ମୀର ଉପମୁଖ୍ୟମନ୍ତ୍ରୀ ନିର୍ମଳ ସିଂହ କହିଛନ୍ତି ଯେ ଶନିବାରଠାରୁ ରାଜ୍ୟରେ ହାଇ ଆଲର୍ଟ ଜାରି କରାଯାଇଛି। ରାଜ୍ୟର ସମସ୍ତ ଅଞ୍ଚଳରେ ସୁରକ୍ଷାବାହିନୀକୁ ସତର୍କ ରଖାଯାଇଛି। ଗତକାଲି ଜଣେ ପୂର୍ବତନ ଫୁଟବଲ ଖେଳାଳି ତଥା ଆତଙ୍କବାଦୀ ଆତ୍ମସମର୍ପଣ କରିବା ପରେ ସାଧାରଣ ଲୋକ ଆତଙ୍କବାଦୀଙ୍କ ଟାର୍ଗେଟ ହେବାର ଆଶଙ୍କା କରାଯାଉଛି । ଗତକାଲି ଲସ୍କର-ଇ-ତୋଇବାରେ ଯୋଗ ଦେଇଥିବା ଅନନ୍ତନାଗ ଜିଲ୍ଲାର ୨୦ବର୍ଷୀୟ ମାଜିଦ ଖାନ ଆତ୍ମସମର୍ପଣ କରିବା ପରେ ଆତଙ୍କବାଦୀମାନେ ଅଧିକ ଅସହିଷ୍ଣୁ ହୋଇ ପଡିଛନ୍ତି । ଆଜିର ଘଟଣା ପରେ ପ୍ରତିରକ୍ଷା ମନ୍ତ୍ରୀ ନିର୍ମଳା ସୀତାରମଣ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି ଯେ ଚଳିତବର୍ଷ ସୁରକ୍ଷା କର୍ମୀଙ୍କ ଆକ୍ରମଣରେ ୧୪୫ରୁ ଅଧିକଜଣ ଆତଙ୍କବାଦୀ ପ୍ରାଣ ହରାଇଲେଣି। ଆତଙ୍କବାଦୀଙ୍କ ପ୍ରତି ତାଙ୍କ ସରକାର କୌଣସି ପ୍ରକାର କୋହଳ ଆଭିମୁଖ୍ୟ ପୋଷଣ କରିବେ ନାହିଁ।

ଭାରତର
ମାନୁଷୀ ବିଶ୍ୱସୁନ୍ଦରୀ

ସାନିଆ ସିଟି, ୧୯/୧୧(ଏଜେନ୍ସି) : ୧୭ ବର୍ଷ ପରେ ପୁଣି ଥରେ ଭାରତ ହାସଲ କରିଛି ବିଶ୍ୱ ସୁନ୍ଦରୀ ଟାଇଟଲ୍ । ୨୦୦୦ ମସିହାରେ ପ୍ରିୟଙ୍କା ଚୋପ୍ରାଙ୍କ ପରେ ତନୁପାତଳୀ ମାନୁଷୀ ଚିଲ୍ଲର ୧୦୮ ଦେଶର ପ୍ରତିଯୋଗୀଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ମଧ୍ୟରେ ଚୀନ୍‌ର ‘ସାନିଆ ସିଟି ଏରିନା’ରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ବାଜିମାତ୍ କରିଛନ୍ତି। ତାଙ୍କୁ ୨୦୧୬ର ବିଶ୍ୱ ସୁନ୍ଦରୀ ପୁର୍ତ୍ତୋ ରିକୋର ଷ୍ଟେଫାନୀ ଡେଲ୍‌ଭେଲ ମୁକୁଟ ପିନ୍ଧାଇ ଅଭ୍ୟର୍ଥନା କରିଥିଲେ। ହରିୟାନାର ସୁନ୍ଦରୀ ମାନୁଷୀ ଚଳିତ ବର୍ଷ ଫେମିନା ମିସ୍ ଇଣ୍ଡିଆ ଟାଇଟଲ୍ ଅର୍ଜନ କରିଥିଲେ। ଭେଷଜ ବିଜ୍ଞାନର ଛାତ୍ରୀ ମାନୁଷୀଙ୍କ ପୂର୍ବରୁ ପ୍ରିୟଙ୍କା ଚୋପ୍ରା, ଡାଏନା ହେଡେନ୍, ଐଶ୍ୱର୍ଯ୍ୟା ରାୟ ଓ ରୀତା ଫରିଆ ଭାରତ ପାଇଁ ଏହି ଗୌରବ ଆଣିଥିଲେ। ମାନୁଷୀଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁଭେଚ୍ଛା ଜଣାଇବା ସହ ଭାରତର ଗୌରବ ବୃଦ୍ଧି କରିବାରୁ ତାଙ୍କୁ ସାଧୁବାଦ ଜଣାଇଛନ୍ତି। ପ୍ରତିରକ୍ଷା ବିଭାଗରେ କାର୍ଯ୍ୟରତ ଡାକ୍ତର ମିତ୍ରବାସୁ ଚିଲ୍ଲର ଓ ଡାକ୍ତର ନୀଲମ ଚିଲ୍ଲରଙ୍କ ସୁକନ୍ୟା ମାନୁଷୀ(ଉଚ୍ଚତା ୫ଫୁଟ ୯ଇଞ୍ଚ) ୧୪ ମଇ ୧୯୯୭ରେ ହରିୟାଣାରେ ଜନ୍ମ ଲାଭ କରିଥିଲେ । ସେ ଏବେ ଭଗତଫୁଲ ସିଂହ ମେଡିକାଲ କଲେଜରେ ପାଠ ପଢୁଛନ୍ତି ।

ଭିତର ପୃଷ୍ଠାରେ

ଫ୍ରାନ୍ସରେ ଲେବାନନର ପ୍ରଧାନମନ୍ତ୍ରୀ

ଗିଲଗିଟ ଓ ବାଲଟିସ୍ତାନରେ ପାକ୍ ବିରୋଧୀ ନିଆଁ

ପୋସଗାର୍ଡେନରେ ରାତିଅଧିଆ ଆୟକର ବିଭାଗର ଚଢଉ ଗର୍ଜିଲେ ଦିନାକରନ

କଂଗ୍ରେସ ଜିଏସଟିର କାର୍ଯ୍ୟକାରିତା ତୃଟିକୁ ବିରୋଧ କରେ : ମନମୋହନ

କୁଳଭୂଷଣ ମାମଲା:
ଭାରତର ଆବେଦନ ଉପରେ ବିଚାର କରୁଛୁ: ପାକିସ୍ତାନ

ନୂଆଦିଲ୍ଲୀ/ଇସଲାମାବାଦ,୧୮/୧୧(ଏଜେନ୍ସି) : ପାକିସ୍ତାନରେ ଗୁପ୍ତଚର ଅଭିଯୋଗରେ ଫାଶୀ ଦଣ୍ଡାଦେଶ ପାଇଥିବା ଭାରତୀୟ ନୌସେନାର ପୂର୍ବତନ ଅଧିକାରୀ କୁଳଭୂଷଣ ଯାଦବଙ୍କୁ ସାକ୍ଷାତ ଲାଗି ପାକିସ୍ତାନସ୍ଥିତ ଭାରତୀୟ ଦୂତାବାସ (ଉଚ୍ଚାୟୁକ୍ତ) ପୁନର୍ବାର ଆବେଦନ କରିଥିବା ଜଣାଯାଇଛି। ଏଥି ନେଇ ପାକିସ୍ତାନ ବୈଦେଶିକ ମନ୍ତ୍ରଣାଳୟର କହିବା ଅନୁଯାୟୀ କୁଳଭୂଷଣଙ୍କ ସମ୍ପର୍କରେ ଭାରତର ଆବେଦନ ଆମେ ପାଇଛୁ । ଏହା ଉପରେ ବିଚାର କରୁଛୁ ବୋଲି ପାକିସ୍ତାନ ବୈଦେଶିକ ମନ୍ତ୍ରାଳୟର ପ୍ରବକ୍ତା ଡ. ମହମ୍ମଦ ଫୈଜଲ କହିଛନ୍ତି। ଏଥି ପୂର୍ବରୁ ଗତ ସପ୍ତାହରେ ପାକିସ୍ତାନ ୪୬ ବର୍ଷୀୟ କୁଳଭୂଷଣଙ୍କ ପତ୍ନୀଙ୍କୁ ପାକିସ୍ତାନ ଆସି ତାଙ୍କ ସ୍ୱାମୀଙ୍କୁ ସାକ୍ଷାତ କରିବାକୁ ଅନୁମତି ଦେଇଛି । ଏହା ସତ୍ତ୍ୱେ କୁଳଭୂଷଣ ଏବେ କେଉଁଠାରେ ଅଛନ୍ତି ସେ ସମ୍ପର୍କରେ ଭାରତ ସରକାରଙ୍କ ପାଖରେ କୌଣସି ତଥ୍ୟ ନଥିବା ଜଣାପଡିଛି। କୁଳଭୂଷଣଙ୍କୁ କେଉଁ ଠାରେ ଓ କିପରି ରଖାଯାଇଛି ସେ ସମ୍ପର୍କରେ ଜାଣିବା ପାଇଁ ଭାରତୀୟ ଦୂତାବାସ ପକ୍ଷରୁ ପାକିସ୍ତାନ ସରକାରଙ୍କୁ ପୂର୍ବରୁ ପ୍ରାୟ ୧୫ଥର ନିବେଦନ କରାଯାଇଥିବାବେଳେ ଏହାକୁ ଅଗ୍ରାହ୍ୟ କରାଯାଇଥିଲା। ଏବେ ପୁନର୍ବାର ତାଙ୍କ ସହିତ ଯୋଗାଯୋଗ ଲାଗି ଭାରତ ନିବେଦନ କରିଛି । ଭାରତ କହିଆସୁଛି ଯେ, କୁଳଭୂଷଣଙ୍କୁ ପାକିସ୍ତାନ ସେନା ଟ୍ରିବ୍ୟୁନାଲ ଯେପରି ଭାବେ ମୃତ୍ୟୁ ଦଣ୍ଡାଦେଶ ଦେଇଛନ୍ତି ତାହା ଆନ୍ତର୍ଜାତିକ ଆଇନକୁ ଉଲ୍ଲଂଘନ କରୁଛି। କୁଳଭୂଷଣ ଜଣେ ଅପହୃତ ନିରୀହ ଭାରତୀୟ। ନୌସେନାରୁ ଅବସର ନେବା ପରେ ଇରାନରେ ସେ ବ୍ୟବସାୟ କରୁଥିଲେ। ତାଙ୍କୁ ଆଇଏସଆଇ ଅପହରଣ କରିନେଇ ଗୁପ୍ତଚର ଅଭିଯୋଗ ଆରୋପ କରିଥିଲା ପାକିସ୍ତାନ। ତାଙ୍କ ବିରୋଧରେ ଯେଉଁ ଅଭିଯୋଗ ଆରୋପ କରାଯାଇଛି ଓ ଏହାକୁ ଯେପରି ଢଙ୍ଗରେ ପରିଚାଳନା କରାଯାଇଛି ତାହା ଆନ୍ତର୍ଜାତିକ ଆଇନର ଉଲ୍ଲଂଘନ କରୁଛି ବୋଲି ଭାରତ କହିଆସୁଛି ।

ଅସହାୟ ଚାଷୀକୁଳ ପ୍ରତି ଦରଦ କାହାର ?

ମୁଖ୍ୟମନ୍ତ୍ରୀ ନୀରବରେ ଚାଷୀ ଯନ୍ତ୍ରଣାକୁ ପାଟି ବନ୍ଦ କରି ଦେଖୁଛନ୍ତି : ବିଜେପି

ରାଜ୍ୟର ଚାଷୀ ସମସ୍ୟା ନେଇ ବିଜେପିର ଜରୁରୀ ବୈଠକ ୧୯ରେ

ଭୁବନେଶ୍ୱର, ୧୮/୧୧(ଶ୍ରୁମି) ରାଜ୍ୟ ସରକାରଙ୍କ କୃଷି ଓ କୃଷକ ନୀତି ସମ୍ପୂର୍ଣ୍ଣ ବିଫଳ ହୋଇଛି। ଏଭଳି ସମୟରେ ବରଗଡ ଜିଲ୍ଲା କଳାପାଣିର ବୃନ୍ଦା ସାହୁଙ୍କ ଭଳି ଚକଡା ପୋକ ଯୋଗୁଁ ଚାଷୀ ଆତ୍ମହତ୍ୟା ଘଟଣା ବିଧାନସଭାର ଆଗାମୀ ଅଧିବେଶନରେ ସବୁଠାରୁ ବଡ ପ୍ରସଙ୍ଗ ହେବାକୁ ଯାଉଛି । ତେଣୁ ଏହାକୁ ନେଇ ବିଜେପି ରାଜ୍ୟ ସରକାରଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଛି । ବିଜେପି ଅଭିଯୋଗ କରିଛି ଯେ, ବୃନ୍ଦା ସାହୁଙ୍କ ପରି ଅନେକ ଚାଷୀଙ୍କ ଜୀବନର ଦୁଃଖଦ ଅନ୍ତ ଘଟିଛି । ଓଡିଶାର ଚାଷୀ ସ୍ୱଳ୍ପ ବୃଷ୍ଟି କାରଣରୁ ଫସଲହାନି ଓ ଚକଡା ପୋକ ଆକ୍ରମଣରେ ଫସଲ ନଷ୍ଟର ସମ୍ମୁଖୀନ ହୋଇଛି । ଏପରି ସମୟରେ ରାଜ୍ୟର ଚାଷୀକୂଳଙ୍କୁ ସମବେଦନା ଜଣାଇବା ବଦଳରେ ରାଜ୍ୟର ମନ୍ତ୍ରୀ ମାନେ ଚାଷୀ ମାନଙ୍କୁ ଉପହାସ କରି କଟା ଘା ରେ ଚୁନ ଲଗାଉଛନ୍ତି । ମୁଖ୍ୟମନ୍ତ୍ରୀ ନୀରବରେ ଚାଷୀ ଯନ୍ତ୍ରଣାକୁ ପାଟି ବନ୍ଦ କରି ଦେଖୁଛନ୍ତି । ଏହା ଅତ୍ୟନ୍ତ ନୀନ୍ଦନୀୟ, ଲଜ୍ଜାଜନକ, ଏବଂ ଦୁଃଖଦାୟକ ବୋଲି ବିଜେପି ରାଷ୍ଟ୍ରୀୟ ସାଧାରଣ ସଂପାଦକ ଓ ରାଜ୍ୟ ପ୍ରଭାରୀ ଶ୍ରୀ ଅରୁଣ ସିଂ କହିଛନ୍ତି। ଶ୍ରୀ ସିଂହ କହିଛନ୍ତି ଯେ ୧୭ ବର୍ଷର ନବୀନଙ୍କ ଶାସନରେ ଚାଷୀ ଓ ଚାଷ ଚରମ ଅବହେଳାର ଶୀକାର ହୋଇଛି। ଓଡିଶାରେ

ଅମାପ ଜଳ ସମ୍ପଦ, ଉର୍ବର ଚାଷ ଉପଯୋଗୀ ଜମି ଓ ପରିଶ୍ରମୀ କୃଷକ ସମାଜ ଥିବା ସତ୍ତ୍ୱେ ଓଡିଶାର ଚାଷ ଓ ଚାଷୀ ବିପର୍ଯ୍ୟୟର ସମ୍ମୁଖୀନ ହେଉଛନ୍ତି । ମୋଦି ସରକାରଙ୍କ ପକ୍ଷରୁ ଚାଷୀ ସ୍ୱାର୍ଥ ରକ୍ଷା ନିମନ୍ତେ ଜଳସେଚନ ପାଇଁ ବ୍ୟାପକ ଯୋଜନା, ଫସଲ ବୀମା, ବିଭିନ୍ନ ଚାଷକୁ ପ୍ରୋତ୍ସାହନ, ମୃତ୍ତିକା ସ୍ୱାସ୍ଥ୍ୟ କାର୍ଡ ଓ ଦୁର୍ବିପାକରୁ ରକ୍ଷା ପାଇଁ ପ୍ରଚୁର ଅର୍ଥର ବ୍ୟୟବରାଦ କରାଯାଇଛି । ମାତ୍ର ଏହି ଅର୍ଥକୁ ଖର୍ଚ୍ଚ କରିବାରେ ବିଫଳ ନବୀନ ସରକାର କେବଳ କେନ୍ଦ୍ର ସରକାରଙ୍କୁ ଦୋଷ ଦେଇ ନିଜର ସ୍ଥାଣୁତା- ଅପାରଗତାକୁ ଲୁଚାଇବା ପାଇଁ ଅପଚେଷ୍ଟା କରୁଛନ୍ତି । ପଡୋଶୀ ରାଜ୍ୟମାନଙ୍କରେ ସରକାରମାନେ ଚାଷ ଓ ଚାଷୀଙ୍କ ସମସ୍ୟାର ସମାଧାନ ପାଇଁ କାର୍ଯ୍ୟରତ । ଚାଷୀମାନଙ୍କୁ ବୋନସ, ସୁଧମୁକ୍ତ ଋଣ ପ୍ରଦାନ କରି ସେମାନଙ୍କ ମୌଳିକ ଆବଶ୍ୟକତାକୁ ପୂରଣ କରୁଥିବାବେଳେ ଓଡିଶା ସରକାରଙ୍କ ଅପାରଗତା ଓ ସ୍ଥାଣୁତା କାରଣରୁ ଏଠାକାର ଚାଷୀମାନେ ନାହିଁ ନଥିବା ହଇରାଣ ହେଉଛନ୍ତି ବୋଲି ଶ୍ରୀ ସିଂହ ଅଭିଯୋଗ କରିଛନ୍ତି । ଏଭଳି ଦୁଃସ୍ଥିତି ମଧ୍ୟରେ ଚାଷୀ ଜୀବନ ହାରିବା ପୂର୍ବରୁ ସରକାର ତୁରନ୍ତ କିଛି ଠୋସ୍ ସାହାଯ୍ୟ ସହାୟତା ଘୋଷଣା କରନ୍ତୁ। ସେମାନଙ୍କ ଆତ୍ମହତ୍ୟାକୁ ନେଇ ଲଜ୍ଜାହୀନ ଭାବେ ନେତାମାନେ ରାଜନୀତି କରିବାରୁ ନିବୃତ୍ତ ହୁଅନ୍ତୁ ବୋଲି ସେ କହିଛନ୍ତି । ସରକାର ଚାଷୀକୁ ତା’ର ଉପଯୁକ୍ତ ସମ୍ମାନ ଓ ହକ୍ ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି ।

ଆମେ ଯଦି ଅବହେଳା କରୁଛୁ ଆମକୁ ରାଜ୍ୟବାସୀ ଦଣ୍ଡ ଦେବେ: କୃଷିମନ୍ତ୍ରୀ

ଭୁବନେଶ୍ୱର, ୧୮/୧୧(ଶ୍ରୁମି): ଅଦିନିଆ ବର୍ଷା ଯୋଗୁଁ ପାଚିଲାଧାନକ୍ଷେତରେ ଆଣ୍ଠୁଏ ଉଚ୍ଚାର ପାଣି। ଧାନ ଗଜା ହେବାକୁ ବସିଲାଣି। ଧାନ କ୍ଷେତକୁ ଦେଖି ଚାଷୀର ଛାତି ଫାଟିଯାଉଛି। ଚାଷୀସମୂହ କୂଳକିନାରା ନପାଇ ହତାଶ ହୋଇ ବସିଥିବାବେଳେ ଚାଷୀ ଆତ୍ମହତ୍ୟାକୁ ନେଇ ରାଜନୀତି ଥମୁନାହିଁ। ବିଜେପିର ଅରୁଣ ସିଂ ରାଜ୍ୟରେ ଚାଷୀମାନଙ୍କ ଏଭଳି ଅବସ୍ଥା ପାଇଁ ରାଜ୍ୟ ସରକାର ଓ କୃଷିମନ୍ତ୍ରୀଙ୍କ ଅବହେଳାକୁ ଦାୟୀ କରିଥିବାବେଳେ କୃଷିମନ୍ତ୍ରୀ ଡ. ଦାମୋଦର ରାଉତ ଅରୁଣ ସିଂଙ୍କୁ ତାଚ୍ଛଲ୍ୟ କରି କହିଛନ୍ତି ଯେ ସେ ଓଡ଼ିଶାର ପୁଲିସ୍ ଡିଜି ହୋଇଯାଆନ୍ତୁ। ଯଦି ଆମେ କିଛି କରୁନୁ ତେବେ ଆମକୁ ଗିରଫ କରାଯାଉ। ଚାଷ ଓ ଚାଷୀ ରାଜ୍ୟ ବ୍ୟାପାର। ଯଦି ଆମେ କିଛି ଅବହେଳା କରୁଛୁ ତେବେ ରାଜ୍ୟବାସୀ ଆମକୁ ଦଣ୍ଡ ଦେବେ। ୨୦୦୦ ମସିହାରେ ନବୀନ ପଟ୍ଟନାୟକ କ୍ଷମତାକୁ ଆସିବାବେଳକୁ ରାଜ୍ୟରେ ଖାଦ୍ୟଶସ୍ୟ ଉତ୍ପାଦନ ଥିଲା ୫୫ଲକ୍ଷ ମେଟ୍ରିକ୍ ଟନ୍। ଗତ ଆର୍ଥିକବର୍ଷରେ ଏହା ୧ କୋଟି ୧୭ଲକ୍ଷ ୧୮ ହଜାର ମେଟ୍ରିକ୍ ଟନ୍‌ରେ ପହଞ୍ଚିଛି। ରାଷ୍ଟ୍ରୀୟ ସ୍ତରରେ ଓଡ଼ିଶା ଚାଷୀଙ୍କ ଆୟ ଅଭିବୃଦ୍ଧି ହାର ୮.୬୭ ପରସେଣ୍ଟ୍ ରହିଛି। ହେଲେ କେନ୍ଦ୍ରର ବିଜେପି ମନ୍ତ୍ରୀ ଓ କେନ୍ଦ୍ରୀୟ ପ୍ରଭାରୀ ଓଡ଼ିଶା ଚାଷୀମାନଙ୍କୁ ବିଭ୍ରାନ୍ତ କରିବା ପାଇଁ ଅପପ୍ରଚାର କରୁଛନ୍ତି।

ପୁଣି ଜଣେ ଚାଷୀଙ୍କ କୀଟନାଶକ ପିଇ ଆତ୍ମହତ୍ୟା !

ବ୍ରହ୍ମପୁର, ୧୮/୧୧(ଶ୍ରୁମି): ହଜାରେ କୃଷି ପୁରସ୍କାର ପାଇଲେ ମଧ ଏହା ସ୍ୱୀକାର କରିବାକୁ ପଡିବ ଯେ, ଓଡିଶାରେ ଚାଷ ଓ ଚାଷୀଙ୍କ ଅବସ୍ଥା ଭଲ ନୁହେଁ। ସରକାର ସ୍ୱୀକାର କରନ୍ତୁ ବା ନ କରନ୍ତୁ ରାଜ୍ୟରେ ଚାଷୀ ଆତ୍ମହତ୍ୟା କରୁଛନ୍ତି । ଯାହା ଦୃଶ୍ୟମାନ ଓ ଅନୁଭୂତ ; ତାହାକୁ ସରକାରୀଭାବେ ଖଣ୍ଡନ କଲେ ଏହା ସତ୍ୟର ଅପଲାପ ହେବ । ଏହିକ୍ରମରେ ଶନିବାର ପୁଣି ଜଣେ ଚାଷୀ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ଗଞ୍ଜାମ ଜିଲ୍ଲାର କୁକୁଡ଼ାଖଣ୍ଡି ବ୍ଲକ୍ ବଉଳଝୋଳି ଗ୍ରାମରେ ଗଜେନ୍ଦ୍ର ଭୂୟାଁ ନାମକ ଜଣେ ଚାଷୀ ଆଜି ବିଷପିଇ ଆତ୍ମହତ୍ୟା କରିଥିବା କୁହାଯାଇଛି। ତାଙ୍କ ପରିବାରବର୍ଗ ଅଭିଯୋଗ କରିଛନ୍ତି ଯେ, ଚାଷ ପାଇଁ ଋଣ କରି ତାହା ଶୁଝି ନପାରିବାରୁ ଗଜେନ୍ଦ୍ର ଚିନ୍ତାରେ ଥିଲେ। ଚିନ୍ତାଗ୍ରସ୍ତ ଅବସ୍ଥାରେ ଜମିରେ ପୋକ ମାରିବାକୁ ଆଣିଥିବା କୀଟନାଶକ ପିଇ ସେ ଆତ୍ମହତ୍ୟା କରିଛନ୍ତି। ତାଙ୍କର ଶବ ବ୍ୟବଚ୍ଛେଦ କରାଇବା ସହ ପୁଲିସ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

ଶାନ୍ତନୁ ଆତ୍ମହତ୍ୟା ଘଟଣା
ପତ୍ନୀ ଓ ପ୍ରେମିକ ଗିରଫ

ପୁରୀ , ୧୮/୧୧(ଶ୍ରୁମି) ଫେସ୍‌ବୁକରେ ଭିଡିଓ ଅପ୍‌ଲୋଡ କରି ପୁରୀର ଶାନ୍ତନୁ ପାତ୍ରଙ୍କ ଆତ୍ମହତ୍ୟା କରିବା ଘଟଣାରେ ତାଙ୍କ ସ୍ତ୍ରୀ ଓ ପ୍ରେମିକଙ୍କୁ ଆଜି ସଦରଥାନା ପୁଲସ ଗିରଫ କରିଛି। ଶାନ୍ତନୁଙ୍କ ସ୍ତ୍ରୀ ଓ ତାଙ୍କ ପ୍ରେମିକ ଅମରେଶ ସ୍ୱାଇଁ ଉଭୟଙ୍କୁ ଥାନାରେ ଅଟକ ରଖି ପଚରା ଉଚରା ଚାଲିଥିବାବେଳେ ଆଜି ସେମାନଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି। ଗତ ୯ ତାରିଖରେ ଏକ ଭିଡିଓ ସୋସିଆଲ୍ ମିଡିଆରେ ଘୁରି ବୁଲୁଥିଲା। ଯେଉଁଥିରେ ଜଣେ ଯୁବକ ଆତ୍ମହତ୍ୟା ପଛର କାହାଣୀ ବଖାଣିଥିଲେ। ନିଜ ସ୍ତ୍ରୀ ବିବାହର କିଛିଦିନ ପରେ ପରକୀୟା ପ୍ରୀତିରେ ଲିପ୍ତ ଥିବାରୁ ସେ ଆତ୍ମହତ୍ୟା କରୁଥିବା ଯୁବକ ଦର୍ଶାଇଥିଲେ। ଗତ ମାର୍ଚ୍ଚ ମାସରେ ଶାନ୍ତନୁ ସାକ୍ଷୀଗୋପାଳର ଅନିତା ପ୍ରଧାନଙ୍କୁ ବିବାହ କରିଥିଲେ। ମାତ୍ର ବିବାହର କିଛି ଦିନ ପରେ ଜଗତସିଂପୁର ଜିଲ୍ଲାର ଅମରେଶ ସ୍ୱାଇଁଙ୍କ ସହ ତାଙ୍କ ସ୍ତ୍ରୀର ଅନୈତିକ ସମ୍ପର୍କ ଥିବା ନେଇ ଶାନ୍ତନୁ ଜାଣିବାକୁ ପାଇଥିଲେ। ଏହାକୁ ନେଇ ତାଙ୍କ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ହୋଇଥିଲା। ସେ ପତ୍ନୀଙ୍କୁ ବହୁତ ବୁଝାଇଥିଲେ ମଧ ସେ ଏଥିରୁ ନିବୃତ୍ତ ନହୋଇ ଓଲଟା ତାଙ୍କୁ ଦୁର୍ବ୍ୟବହାର କରିବା ସହ ବଦ୍‌ନାମ୍ କରିବାକୁ ଧମକ ଦେବାରୁ ଶାନ୍ତନୁ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିରେ ସେ ଗାଁ ମୁଣ୍ଡରେ ଥିବା ଗଛରେ ରଶି ଦେଇ ଆତ୍ମହତ୍ୟା କରିଥିଲେ। ଏହି ଭିଡିଓ ଭାଇରାଲ୍ ହେବା ପରେ ତାଙ୍କ ସ୍ତ୍ରୀ ଏହାକୁ ଖଣ୍ଡନ କରିବା ସହ ଶାଶୁଘର ଲୋକେ ତାଙ୍କୁ ମିଛ କଥା କହି ବିବାହ କରାଇଥିବା ଅଭିଯୋଗ କରିଥିଲେ। ଶାନ୍ତନୁ ବାଙ୍ଗାଲୋରରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିଲେ ହେଁ ସେ ସଫ୍ଟୱେର ଇଞ୍ଜିନିୟର କହି ତାଙ୍କ ଘର ଲୋକେ ବିବାହ କରାଇଥିଲେ। ଅମରେଶ ସ୍ୱାଇଁଙ୍କ ସହ ତାଙ୍କର ବିବାହ ପ୍ରସ୍ତାବ ପଡ଼ିଥିଲା। କିନ୍ତୁ ତାଙ୍କ ସହ କୌଣସି ସମ୍ପର୍କ ନଥିବା ଅଭିଯୁକ୍ତା କହିଥିଲେ। ପୁଲିସ ଏସ୍‌ପି ସାର୍ଥକ ଷଡଙ୍ଗୀ ସୂଚନା ଦେଇଛନ୍ତି ଯେ ଜେରା ସମୟରେ ଉଭୟ ଅମରେଶ ଓ ଶାନ୍ତନୁଙ୍କ ପତ୍ନୀ ଦୋଷ କରିଥିବା ଜଣାପଡ଼ିବାରୁ ପୁଲିସ ସେମାନଙ୍କୁ ଗିରଫ କରିଛି।

ରାଜଧାନୀରେ ପୁଣି ଗୁଳିକାଣ୍ଡ

ଭୁବନେଶ୍ୱର ୧୮/୧୧(ଶ୍ରୁମି) ଖଣ୍ଡଗିରି ଥାନା ଅନ୍ତର୍ଗତ ସମ୍ ହସ୍‌ପିଟାଲ୍ ଛକ ନିକଟରେ ଜଣେ ଯୁବକଙ୍କ ଉପରକୁ ଗୁଳିମାଡ ହୋଇଛି। ଯୁବକଙ୍କ ନାମ ପବିତ୍ର ସେଠୀ। ତାଙ୍କ ଘର ଘାଟିକିଆ ଅଞ୍ଚଳରେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ରାତି ପ୍ରାୟ ୧୦ଟା ବେଳେ ସେ କାମ ସାରି ସମ୍ ହସ୍‌ପିଟାଲ୍ ଛକ ନିକଟରେ ଥିବା ଏକ ଦୋକାନରେ ଖାଉଥିବାବେଳେ ୧୦ ଜଣ ଦୁର୍ବୃତ୍ତ ଏକ କାର୍‌ରେ ଆସି ତାଙ୍କ ଉପରକୁ ତିନି ରାଉଣ୍ଡ୍ ଗୁଳି ଚଳାଇଥିଲେ। ଗୋଟିଏ ଗୁଳି ତାଙ୍କ ବାମ ହାତରେ ବାଜିଥିବାବେଳେଆଉ ଗୋଟିଏ ତାଙ୍କ ବେକରେ ବାଜିଛି।

୧୭ ଦାଦନ ଶ୍ରମିକ ଉଦ୍ଧାର

ରାୟଗଡା, ୧୮/୧୧(ଶ୍ରୁମି) ତାମିଲନାଡୁକୁ ଦାଦନ ଖଟିବାକୁ ଯାଉଥିବା ୧୭ ଜଣ ଶ୍ରମିକଙ୍କୁ ରାୟଗଡ଼ା ରେଳଷ୍ଟେସନ୍‌ରୁ ଜିଆର୍‌ପି ପୁଲିସ ଉଦ୍ଧାର କରିଛି। ସେମାନଙ୍କ ମଧ୍ୟରେ ୫ ଜଣ ନାବାଳିକା ଥିବାବେଳେ ଜଣେ ନାବାଳକ ଅଛନ୍ତି। ସେହିପରି ୯ ଜଣ ମହିଳା ଓ ଦୁଇଜଣ ପୁରୁଷ ଶ୍ରମିକ ଅଛନ୍ତି। ସେମାନେ ସମସ୍ତେ କାଶୀପୁର ବ୍ଲକ୍ ଅନ୍ତଗତ ମାଇ କଞ୍ଚ ଓ ନିକଟବର୍ତ୍ତୀ ଗାଁର ବୋଲି ଜଣାପଡ଼ିଛି। ଏହିଶ୍ରମିକମାନେ ଆଜି ସକାଳେ ବୋକାରୋ-ଆଲେପି ଟ୍ରେନ୍ ଯୋଗେ କୋଏମ୍ବାଟୁର ଠାରେ ଥିବା ଏକ ସୂତାକଳକୁ ଯାଉଥିବା ସୂଚନା ପାଇ ଜିଆର୍‌ପି ପୁଲିସ ସେମାନଙ୍କୁ ଅଟକାଇଥିଲା।

ଆସନ୍ତା ମାସ ୧୦ରେ ଷ୍ଟାଟିଷ୍ଟିକ୍ସ ଅଲିମ୍ପିଆଡ

ଭୁବନେଶ୍ୱର , ୧୮/୧୧(ଶ୍ରୁମି) ଓଡିଶାରେ ଅନୁଷ୍ଠିତ ହେବାକୁ ଯାଉଛି ଷ୍ଟାଟିଷ୍ଟିକ୍ସ ଅଲିମ୍ପିଆଡ-୨୦୧୭ । ଏହା ଉତ୍କଳ ବିଶ୍ୱବିଦ୍ୟାଳୟ ଓ ପରିସଂଖ୍ୟାନ ବିଭାଗ ପୁରାତନ ଛାତ୍ର ସଂଘ ପକ୍ଷରୁ ଚଳିତ ବର୍ଷ ଠାରୁ ଷ୍ଟାଟିଷ୍ଟିକ୍ସ ଅଲିମ୍ପିଆଡ ଆୟୋଜନ କରାଯାଉଛି । ଏହା +୨ରେ ଗଣିତ ବା ପରିସଂଖ୍ୟାନ ବିଷୟ ରଖି ପଢୁଥିବା ଛାତ୍ରଛାତ୍ରୀଙ୍କ ପାଇଁ ଆସନ୍ତାମାସ ୧୦ ତାରିଖରେ ଅନୁଷ୍ଠିତ ହେବ । ଭୁବନେଶ୍ୱରର ବାଣୀବିହାର ସହ ରାଉରକେଲା ଓ କେନ୍ଦ୍ରାପଡାରେ ଏକ ସମୟରେ ଅନୁଷ୍ଠିତ ହେବ । ଏଥିରେ ସମୁଦାୟ ୧୦ହଜାର ଟଙ୍କାର ପୁରସ୍କାର ପ୍ରଦାନ କରାଯିବ । ବୋଲି ସମ୍ପାଦକ ବଂଶୀଧର ମହାପାତ୍ର ଜଣାଇଛନ୍ତି । ଆଗ୍ରହୀ ଛାତ୍ରଛାତ୍ରୀମାନେ ବାଣୀବିହାର ପରିସଂଖ୍ୟାନ ବିଭାଗର ମୁଖ୍ୟ ପ୍ରଫେସର ପ୍ରିୟରଂଜନ ଦାଶଙ୍କୁ ଯୋଗାଯୋଗ କରିପାରିବେ କିମ୍ବା USAA ୱେବସାଇଟରୁ ଅଧିକ ବିବରଣୀ ପାଇପାରିବେ ।